# NATIONAL NEWS BULLETIN (ODIA)
## 4 July - 2024
## Morning Bulletin : 7.15 a.m.

**************************************

## ମୁଖ୍ୟ ସମ୍ବାଦ

- ଦିଲ୍ଲୀରେ ପହଞ୍ଚିଲେ ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ବିଜେତା ଟିମ୍ ଇଣ୍ଡିଆ ।

– ମୁମ୍ବାଇ ଯିବା ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିବେ ଖେଳାଳି ।

- ଝାଡ଼ଖଣ୍ଡର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଜୁଲାଇ ୭ରେ ଶପଥ ଗ୍ରହଣ କରିବେ ହେମନ୍ତ ସୋରେନ୍ ।

- ଆସାମରେ ବନ୍ୟା ପରିସ୍ଥିତି ଜଟିଳ ।

– ବନ୍ୟା ଜନିତ ମୃତ୍ୟୁ ସଂଖ୍ୟା ୪୬କୁ ବୃଦ୍ଧି ।

- ଦେଶରେ କୋଇଲା ଉତ୍ପାଦନ ୧୪ ଦଶମିକ୍ ୫ ପ୍ରତିଶତ ବୃଦ୍ଧି ।

ଏବଂ

- ଡାକ୍ତର ବି.ଏନ୍. ଗଙ୍ଗାଧର ରାଷ୍ଟ୍ରୀୟ ଚିକିତ୍ସା ଆୟୋଗର ଅଧ୍ୟକ୍ଷ ନିଯୁକ୍ତ ।

# ଟିମ୍ ଇଣ୍ଡିଆ ରିଟର୍ଣ୍ଣ

ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ବିଜେତା ଟିମ୍ ଇଣ୍ଡିଆ ଆଜି ସକାଳେ ଦିଲ୍ଲୀରେ ପହଞ୍ଚିଛି । ଭାରତୀୟ ଟିମ୍ ବେରିଲ୍ ବାତ୍ୟା ଯୋଗୁଁ ବାର୍‌ବାଡୋସ୍‌ରେ ଅଟକି ରହିଥିଲା । ବିଜୟୀ ଟିମ୍‌ର ସ୍ୱାଗତ ପାଇଁ ପ୍ରଶଂସକମାନେ ବିମାନ ବନ୍ଦର ବାହାରେ ଏକତ୍ର ହୋଇଛନ୍ତି । ଦିଲ୍ଲୀ ପୁଲିସ୍ ପକ୍ଷରୁ ଭିଡ଼ ନିୟନ୍ତ୍ରଣ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ଅନ୍ୟ ପକ୍ଷରେ ମୁମ୍ବାଇ ଯିବା ପୂର୍ବରୁ ଭାରତୀୟ ଦଳର ସମସ୍ତ ଖେଳାଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ତାଙ୍କ ବାସଭବନରେ ସାକ୍ଷାତ କରିବେ । ବି.ସି.ସି.ଆଇ. ସଚିବ ଜୟ ଶାହା କହିଛନ୍ତି, ଆଜି ସନ୍ଧ୍ୟାରେ ମୁମ୍ବାଇରେ ବିଜୟୀ ଭାରତୀୟ ଟିମ୍ ଏକ ରୋଡ୍ ଶୋ’ କରିବ । ସନ୍ଧ୍ୟା ୫ଟାରୁ ୭ଟା ମଧ୍ୟରେ ନରିମନ୍ ପଏଣ୍ଟରୁ ଏହି ରୋଡ୍ ଶୋ’ ଓ୍ୱାଙ୍ଖଡେ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଯିବ । ପରେ ଓ୍ୱାଙ୍ଖଡେ ଷ୍ଟାଡିୟମ୍‌ରେ ବି.ସି.ସି.ଆଇ. ପକ୍ଷରୁ ଏକ ସ୍ୱତନ୍ତ୍ର ଉତ୍ସବରେ ଖେଳାଳିମାନଙ୍କୁ ପୁରସ୍କାର ଅର୍ଥ ପ୍ରଦାନ କରାଯିବ ।

ସୂଚନା ଯୋଗ୍ୟ ଟି-ଟ୍ୱେଣ୍ଟି ପୁରୁଷ କ୍ରିକେଟ୍ ବିଶ୍ୱକପ୍ ଫାଇନାଲ୍‌ରେ ଭାରତ' ଦକ୍ଷିଣ ଆଫ୍ରିକାକୁ ୭ରନ୍‌ରେ ପରାସ୍ତ କରି ବିଶ୍ୱବିଜୟୀ ହୋଇଥିଲା ।

## ଝାଡ଼୍‌ଖଣ୍ଡ-ନ୍ୟୁ ସିଏମ୍

ଝାଡ଼ଖଣ୍ଡର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ପରିଚାଳନା ଅଧ୍ୟକ୍ଷ ହେମନ୍ତ ସୋରେନ ଚଳିତ ମାସ ୭ ତାରିଖରେ ଶପଥ ଗ୍ରହଣ କରିବେ । ଏବେକାର ମୁଖ୍ୟମନ୍ତ୍ରୀ ଚମ୍ପେଇ ସୋରେନ ଗତକାଲି ଇସ୍ତଫା ଦେବା ପରେ ନୂଆ ମୁଖ୍ୟମନ୍ତ୍ରୀ ପାଇଁ ହେମନ୍ତ ସୋରେନଙ୍କୁ ଦଳର ପରିଚାଳନା ଅଧ୍ୟକ୍ଷ ଚୟନ କରାଯାଇଥିଲା । ଶ୍ରୀ ସୋରେନ ସରକାର ଗଠନ ପାଇଁ ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ୍‌ଙ୍କ ନିକଟରେ ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରିଥିଲେ ।

ହେମନ୍ତ ସୋରେନ ଜମି ଦୁର୍ନୀତି ମାମଲାରେ ଅର୍ଥ ହେରଫେର୍ ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଗିରଫ୍ ହେବା ପୂର୍ବରୁ ଚଳିତ ବର୍ଷ ଜାନୁଆରୀ ୩୧ରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ଇଣ୍ଡିଆ ମେଣ୍ଟର  ବିଧାୟକଙ୍କ ସମେତ କଂଗ୍ରେସ ଓ ଆର୍.ଜେ.ଡି.ର ସଦସ୍ୟମାନେ ଶ୍ରୀ ସୋରେନ୍‌ଙ୍କୁ ଆଉଥରେ ମୁଖ୍ୟମନ୍ତ୍ରୀ କରିବା ଲାଗି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି ।

# ଆଡଭାନୀ–ଆପୋଲୋ

ବିଜେପିର ବୟୋଜ୍ୟେଷ୍ଠ ନେତା ଲାଲକୃଷ୍ଣ ଆଡ଼ଭାନୀଙ୍କୁ ଦିଲ୍ଲୀର ଆପୋଲୋ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତରମାନେ କହିଛନ୍ତି । ଗତ ସପ୍ତାହରେ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ପରେ ଶ୍ରୀ ଆଡ଼ଭାନୀଙ୍କୁ ଦିଲ୍ଲୀ ଏମସ୍‌ରେ ଭର୍ତ୍ତି କରାଯାଇଥିଲା । ସେଠାରୁ ଦୁଇ ଦିନ ପରେ ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା ।

# ବିହାର ଏମ୍‌ବିବିଏସ୍

ବିହାରର ସ୍ୱାସ୍ଥ୍ୟ ବିଭାଗ ମେଡିକାଲ୍ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ହିନ୍ଦୀ ଭାଷା ମାଧ୍ୟମରେ ଏମ୍.ବି.ବି.ଏସ୍. ପାଠ୍ୟକ୍ରମ ଆରମ୍ଭ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି । ଏହି ସୁବିଧା ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ୧୦ଟି ପ୍ରତିଷ୍ଠାନ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଦୁଇଟି ପ୍ରତିଷ୍ଠାନ ସମେତ ବିହାରରେ ଥିବା ୨୧ଟି ମେଡିକାଲ କଲେଜ୍‌ରେ ଉପଲବ୍ଧ ହେବ । ବିହାର ସ୍ୱାସ୍ଥ୍ୟ ମନ୍ତ୍ରୀ ମଙ୍ଗଲ ପାଣ୍ଡେ କହିଛନ୍ତି, ଚଳିତ ବର୍ଷ ଠାରୁ ଆରମ୍ଭ ହେବାକୁ ଥିବା ଏମ୍.ବି.ବି.ଏସ୍. ହିନ୍ଦୀ ପାଠ୍ୟକ୍ରମ ଆସନ୍ତା ଶିକ୍ଷାବର୍ଷରୁ ଲାଗୁ ହେବ ।

# ଆସାମ-ଫ୍ଲଡ୍

ଆସାମରେ ବନ୍ୟା ପରିସ୍ଥିତି ଗମ୍ଭୀର ରହିଛି । ରାଜ୍ୟର ୨୯ଟି ଜିଲ୍ଲାର ୧୬ଲକ୍ଷରୁ ଅଧିକ ଲୋକ ବନ୍ୟାରେ ପ୍ରଭାବିତ ହୋଇଛନ୍ତି । ଗତ ୨୪ ଘଣ୍ଟା ମଧ୍ୟରେ ବନ୍ୟାରେ ୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଲୋକ ନିଖୋଜ ଥିବା ଜଣାପଡ଼ିଛି । ରାଜ୍ୟରେ ବନ୍ୟା ଜନିତ ମୃତ୍ୟୁ ସଂଖ୍ୟା ୪୬କୁ ବୃଦ୍ଧି ପାଇଛି । ସୂଚନା ମୁତାବକ ୧୦୫ଟି ରାଜସ୍ୱ ଅଞ୍ଚଳରେ ୨ହଜାର ୮୦୦ ଗାଁ ବନ୍ୟାରେ ପ୍ରାଭାବିତ ହୋଇଛି । ପ୍ରାୟ ୩୯ ହଜାର ୪୦୦ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି ।

ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଜିଲ୍ଲାପାଳମାନଙ୍କ ସହ ବନ୍ୟା ପରିସ୍ଥିତି ସମୀକ୍ଷା କରିଛନ୍ତି । ସେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଏହାଛଡ଼ା ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡ଼ିକର ସର୍ବେକ୍ଷଣ କରି ଶୀଘ୍ର ରିପୋର୍ଟ ଦେବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି । ଯାହାଫଳରେ ଅଗଷ୍ଟ ୧୫ ତାରିଖ ପୂର୍ବରୁ ପ୍ରଭାବିତ ଲୋକଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇପାରିବ । ମୁଖ୍ୟମନ୍ତ୍ରୀ ମଧ୍ୟ କାମରୂପ ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡ଼ିକ ପରିଦର୍ଶନ କରି ପରିସ୍ଥିତିର ସମୀକ୍ଷା କରିଛନ୍ତି । ଏହି ବନ୍ୟାରେ କାଜିରଙ୍ଗା ରାଷ୍ଟ୍ରୀୟ ଉଦ୍ୟାନର ୧୬୮ ବନାଞ୍ଚଳ ଜଳମଗ୍ନ ହୋଇଛି । ସେଠାରେ

ବସବାସ କରୁଥିବା ପଶୁ ନିକଟସ୍ଥ ପାହାଡ଼ିଆ ଅଞ୍ଚଳରେ ଆଶ୍ରୟ ନେଇଛନ୍ତି । ସେମାନଙ୍କ ସୁରକ୍ଷା ଲାଗି ବନ୍ୟ ବିଭାଗ ପକ୍ଷରୁ ଯିବାଆସିବା ରାସ୍ତାରେ ପରିବର୍ତ୍ତନ କରାଯାଇଛି । କାଜିରଙ୍ଗା ରାଷ୍ଟ୍ରୀୟ ଉଦ୍ୟୋଗ ମାର୍ଗରେ ବାଣିଜ୍ୟିକ ବାହନ ଗୁଡ଼ିକର ଯିବା ଆସିବା ଉପରେ କଟକଣା ଜାରି କରାଯାଇଛି ।

ଏବେ ମଧ୍ୟ ବ୍ରହ୍ମପୁତ୍ର, ବାରାକ୍ ଏବଂ ଏହାର ଶାଖା ନଦୀଗୁଡ଼ିକରେ ବନ୍ୟା ଜଳ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି । ଗତ ୨୪ ଘଣ୍ଟା ମଧ୍ୟରେ ବନ୍ୟାରେ ୧୦୦ଟି ରାସ୍ତା, ୧୧ଟି ନଦୀ ବନ୍ଧ ଏବଂ ୧୪ଟି ପୋଲ କ୍ଷତିଗ୍ରସ୍ତ ହୋଇଛି । ରାଜ୍ୟ ସରକାର ୧୮୧ଟି ରିଲିଫ୍ କେନ୍ଦ୍ର ଏବଂ ୩୩୪ଟି ରିଲିଫ୍ ବଣ୍ଟନ କେନ୍ଦ୍ର ସ୍ଥାପନ କରିଛନ୍ତି । ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ଏନ୍.ଡି.ଆର୍.ଏଫ୍. ଏବଂ ଏସ୍.ଡି.ଆର୍.ଏଫ୍.କୁ ମୁତୟନ କରିଛନ୍ତି ।

## ଜୁନ୍ କୋଲ ପ୍ରଡକସନ୍

ଚଳିତ ବର୍ଷ ଜୁନ୍ ମାସରେ ଦେଶରେ କୋଇଲା ଉତ୍ପାଦନ ୧୪ ଦଶମିକ୍ ୫ ପ୍ରତିଶତ ବୃଦ୍ଧି ପାଇ ୮୪ ଦଶମିକ୍ ୬/୩ ମିଲିୟନ୍ ଟନ୍‌ରେ ପହଞ୍ଚିଛି । ପୂର୍ବ ଅବଧିରେ ଏହି ପରିମାଣ ୭୩ ଦଶମିକ୍ ୯/୨ ମିଲିୟନ୍ ଟନ୍ ଥିଲା । କୋଇଲା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ

କୋଲ ଇଣ୍ଡିଆ ଲିମିଟେଡ୍ ୮ ଦଶମିକ୍ ୮/୭ ପ୍ରତିଶତ ବୃଦ୍ଧି ସହ ୬୩ ଦଶମିକ୍ ୧/୦ ମିଲିୟନ୍ ଟନ୍ କୋଇଲା ଉତ୍ପାଦନ ହାସଲ କରିଛି । ଏହାଛଡ଼ା ଚଳିତ ବର୍ଷ ଜୁନ୍‌ରେ ଅନ୍ୟ କମ୍ପାନୀ ଗୁଡ଼ିକର ଉତ୍ପାଦନ ୧୬ ଦଶମିକ୍ ୦/୩ ମିଲିୟନ୍ ଟନ୍ ରହିଛି । ପୂର୍ବ ବର୍ଷ ତୁଳନାରେ ଏଥିରେ ୫୫ ଦଶମିକ୍ ୪/୯ ପ୍ରତିଶତ ବୃଦ୍ଧି ଘଟିଛି ।

# ଅଗ୍ନିବୀର-ଅଜୟ କୁମାର

ଭାରତୀୟ ସେନାରେ କର୍ତ୍ତବ୍ୟ ସମ୍ପାଦନ କରୁଥିବା ବେଳେ ସହିଦ ହୋଇଥିବା ଅଗ୍ନିବୀର ଅଜୟ କୁମାରଙ୍କୁ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସହାୟତା ରାଶି ବାବଦରେ ସ୍ପଷ୍ଟିକରଣ ଜାରି କରାଯାଇଛି । ସେନା ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଜାରି କରାଯାଇଥିବା ଏକ ପୋଷ୍ଟ ଅନୁଯାୟୀ ଅଗ୍ନିବୀର ଅଜୟ କୁମାରଙ୍କ ପରିବାରକୁ ମୋଟ୍ ସହାୟତା ଅର୍ଥରୁ ୯୮ଲକ୍ଷ ୩୯ ହଜାର ଟଙ୍କା ପୂର୍ବରୁ ପ୍ରଦାନ କରାଯାଇ ସାରିଛି । ସେନା ପକ୍ଷରୁ କୁହାଯାଇଛି, ଏହି ଯୋଜନାରେ ନିୟମ ଅନୁଯାୟୀ ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ବଳକା ସହାୟତା ପ୍ରଦାନ କରାଯିବ । ସହିଦ ଯବାନଙ୍କ ପରିବାରକୁ ମୋଟ୍ ୧ କୋଟି ୬୫ ଲକ୍ଷ ଟଙ୍କା ଦିଆଯିବ ।

# ସ୍ମାର୍ଟ୍ ସିଟି ମିଶନ୍

ସ୍ମାର୍ଟ୍ ସିଟି ମିଶନ୍ ଅନ୍ତର୍ଗତ ଦେଶର ୧୦୦ଟି ସହରରେ ୧ଲକ୍ଷ ୪୪ ହଜାର କୋଟି ଟଙ୍କାରୁ ଅଧିକ ପ୍ରକଳ୍ପ ଗୁଡ଼ିକର ୯୦ ପ୍ରତିଶତ କାମ ଶେଷ ହୋଇଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି । ୨୦୧୫ରେ ଲୋକମାନଙ୍କ ଜୀବନକୁ ସୁବ୍ୟବସ୍ଥିତ କରିବା ଲାଗି ଏବଂ ସ୍ୱଚ୍ଛ ତଥା ପରିବେଶ ଅନୁକୂଳ ଢାଞ୍ଚା ନିର୍ମାଣ ନିମନ୍ତେ ଏହି ପ୍ରକଳ୍ପ ଗୁଡ଼ିକ ଆରମ୍ଭ କରାଯାଇଥିଲା । ଗୃହ ଓ ସହରାଞ୍ଚଳ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ କେତେକ ରାଜ୍ୟ ଏବଂ ସହରର ପ୍ରତିନିଧିମାନେ ବାକି ଥିବା ୧୦ ପ୍ରତିଶତ କାର୍ଯ୍ୟ ଶେଷ କରିବା ଲାଗି ଅଧିକ ସମୟ ଦେବାକୁ ଅନୁରୋଧ କରିଛନ୍ତି । ମନ୍ତ୍ରଣାଳୟ ସେହି ବିଷୟକୁ ବିଚାରକୁ ନେଇ ସ୍ମାର୍ଟ୍ ସିଟି ମିଶନ୍ ପ୍ରକଳ୍ପର ଅବଧି ୨୦୨୫ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଏହି ସମୟ ମଧ୍ୟରେ ୧୯ ହଜାର ୯୨୬ କୋଟି ଟଙ୍କାର ୮୩୦ଟି ପ୍ରକଳ୍ପ ଶେଷ କରାଯିବ ।

# ଆପଏଣ୍ଟମେଣ୍ଟ

କ୍ୟାବିନେଟ୍ ନିଯୁକ୍ତି କମିଟି ଡାକ୍ତର ବି.ଏନ୍. ଗଙ୍ଗାଧରଙ୍କୁ ରାଷ୍ଟ୍ରୀୟ ଚିକିତ୍ସା ଆୟୋଗର ଅଧ୍ୟକ୍ଷ ନିଯୁକ୍ତ କରିଛନ୍ତି । ଏହା ପୂର୍ବରୁ ଡକ୍ଟର ଗଙ୍ଗାଧର ମେଡିକାଲ୍ ଆସେସ୍‌ମେଣ୍ଟ ଆଣ୍ଡ ରେଟିଙ୍ଗ ବୋର୍ଡ୍‌ର ଅଧ୍ୟକ୍ଷ

ଥିଲେ । ଡାକ୍ତର ଗଙ୍ଗାଧରଙ୍କ ନୂଆ ନିଯୁକ୍ତି ପରେ ଡାକ୍ତର ସଞ୍ଜୟ ବିହାରିଙ୍କୁ ମେଡିକାଲ୍ ଆସେସ୍‌ମେଣ୍ଟ ଆଣ୍ଡ ରେଟିଙ୍ଗ ବୋର୍ଡର ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି । ଡାକ୍ତର ବିହାରୀ ଶ୍ରୀ ଚିତ୍ରା ତିରୁନାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ଟେକ୍ନୋଲୋଜି ତିରୁଅନନ୍ତପୁରମ୍‌ର ନିର୍ଦ୍ଦେଶକ ଥିଲେ । ଉଭୟଙ୍କ ନିଯୁକ୍ତି ୪ ବର୍ଷ କିମ୍ବା ୭୦ ବର୍ଷ ବୟସ ହେବା ଯାଏଁ ବଳବତ୍ତର ରହିବ ।

## ଇଣ୍ଡିଆ-ଶ୍ରୀଲଙ୍କା ଓପନ୍ ବିଜ୍‌ନେସ୍

ଶ୍ରୀଲଙ୍କାରେ ଅବସ୍ଥାପିତ ଭାରତର ଉଚ୍ଚାୟୁକ୍ତ ସନ୍ତୋଷ ଝା କହିଛନ୍ତି, ଉଭୟ ଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ ବୁଝାମଣା ଯୋଗୁଁ ଭାରତୀୟ ରପ୍ତାନୀକାରୀଙ୍କ ତୁଳନାରେ ଶ୍ରୀଲଙ୍କାର ରପ୍ତାନୀକାରୀମାନେ ଅଧିକ ଲାଭାନ୍ୱିତ ହେଉଛନ୍ତି । ରୋଟାରୀ କ୍ଲବ୍ ଅଫ୍ କଲମ୍ବୋ ୱେଷ୍ଟର ଏକ ସମାରୋହରେ ଶ୍ରୀ ଝା କହିଛନ୍ତି, ଆଗାମୀ ଦିନରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟିକ ପ୍ରକ୍ରିୟା ଆହୁରି ସହଜ ହେବ । ଗତ ବର୍ଷ ଜୁଲାଇରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ସ୍ୱାକ୍ଷରିତ ବୁଝାମଣାର କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି । ଉଭୟ ଦେଶ ବିଭିନ୍ନ କ୍ଷେତ୍ରରେ ମୁକ୍ତ ବାଣିଜ୍ୟ ଯୋଗୁଁ ଲାଭାନ୍ୱିତ ହେଉଥିବା ସେ କହିଛନ୍ତି ।

# ୱିମ୍ବିଲ୍‌ଡନ୍

ୱିମ୍ବିଲ୍‌ଡନ୍ ଟେନିସ୍ ପ୍ରତିଯୋଗିତାରେ ସ୍ପେନର କାର୍ଲସ୍ ଅଲକରାଜ ପୁରୁଷ ଏକକ ବର୍ଗରେ ତୃତୀୟ ପର୍ଯ୍ୟାୟରେ ପହଞ୍ଚିଛନ୍ତି । ଗତକାଲି ଲଣ୍ଡନରେ ଅନୁଷ୍ଠିତ ମ୍ୟାଚ୍‌ରେ ଅଲକରାଜ୍ ଅଷ୍ଟ୍ରେଲିଆର ଆଲେକ୍‌ଜାଣ୍ଡାର ବୁକିକ୍‌ଙ୍କୁ ୭-୬, ୬-୨, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ଆମେରିକାର ଫ୍ରାନ୍‌ସିସ୍ ଟିୟାକୋଙ୍କ ସହ ତାଙ୍କର ମୁକାବିଲା ହେବ ।

ସେହିପରି ମହିଳା ଏକକ ବର୍ଗରେ ଆମେରିକାର ଏମା ନୱାରୋ ଜାପାନ୍‌ର ନାଓମି ଓଷାକାଙ୍କ ଠାରୁ ୬-୪, ୬-୧ ସେଟ୍‌ରେ ପରାସ୍ତ ହୋଇ ପ୍ରତିଯୋଗୀତାରୁ ବାହାରି ଯାଇଛନ୍ତି । ତୃତୀୟ ପର୍ଯ୍ୟାୟରେ ଏମା ନୱାରୋ ଓ ରୁଷର ଡାଏନା ସ୍ନାଇଡର୍‌ଙ୍କ ମଧ୍ୟରେ ମୁକାବିଲା ହେବ ।

ଡବଲ୍ସ ପର୍ଯ୍ୟାୟରେ ବ୍ରିଟେନ୍‌ର ଏମା ରାଦୁକାନୁ ଓ ଏଣ୍ଡି ମରେଙ୍କ ଯୋଡ଼ି ସାଲବାଡୋର୍‌ର ମାର୍ସେଲୋ ଆରେଭାଲୋ ଓ ଚୀନ୍‌ର ଜାଙ୍ଗ୍ ସ୍ୱାଇଙ୍କ ସହ ମୁକାବିଲା ହେବ ।